# ଗ୍ରାମୀଣ କୃଷି ମୌସମ ସେବା


ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)


ପତ୍ରିକା ସଂଖ୍ୟା-୬୯/୨୫

## ଜିଲ୍ଲା-ଯାଜପୁର

ତା.୨୯.୦୮.୨୦୨୫

**ପାଣିପାଗ ପୂର୍ବାନୁମାନ (ତା.୦୩.୦୯.୨୦୨୫ ପର୍ଯ୍ୟନ୍ତ)-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୦୧-୦୬ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୨-୩୩°C ଏବଂ ୨୪-୨୫° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 2025-08-30 | 8 | 32 | 24 | 5 | 92 | 64 | 6 | 169 |
| | 2025-08-31 | 9 | 32 | 24 | 5 | 91 | 66 | 4 | 156 |
| | 2025-09-01 | 12 | 33 | 25 | 5 | 90 | 60 | 1 | 162 |
| | 2025-09-02 | 10 | 33 | 25 | 5 | 90 | 57 | 2 | 297 |
| | 2025-09-03 | 12 | 33 | 25 | 5 | 89 | 56 | 4 | 292 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | ➢ ଆଗାମୀ ଦିନରେ ହାଲୁକାରୁ ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ।<br>➢ କୃଷକମାନେ ଧାନ ଫସଲରେ ଜଳସ୍ତର ବଜାୟ ରଖନ୍ତୁ ଏବଂ ହଳଦିଆ କାଣ୍ଡବିନ୍ଧା ପୋକ, ପତ୍ର ମୋଡାପୋକ ଏବଂ ଦହିଆ ପୋକ ଆକ୍ରମଣ ଉପରେ ନଜର ରଖିବାକୁ ପରାମର୍ଶ।<br>➢ ସ୍ମାର୍ଟ ଫୋନ୍ ଧାରକମାନେ ମେଘଦୁତ ଏବଂ ଡାମିନି ଆପ୍ ଠାରୁ ପାଣିପାଗ ସୂଚନା ମଧ ପାଇପାରିବେ \|<br>➢ ଫଳ ଓ ପନିପରିବା ଫସଲରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ। | |
|---|---|---|
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| ଖରିଫ ଧାନ | ପିଲ ଅବସ୍ଥା | ➢ ଧାନରେ ମୂଳ ସୋଢା ରୋଗ ନିୟନ୍ତ୍ରଣ ପାଇଁ hexaconazole @୧ମି.ଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ।<br>➢ ଯଦି ଧାନରେ ହଳଦିଆ କାଣ୍ଡ ବିନ୍ଧାପୋକ ଲାଗି 10% ପତ୍ରର କ୍ଷତି ହୁଏ, ତେବେ ରାଇନାକ୍ସିପର୍ 0.4 G @ 4 kg / ଏକର କିମ୍ବା ଫ୍ଲୁବେଣ୍ଡିଆମାଇଡ୍ 0.7 G 5kg / ଏକର ପ୍ରୋୟାଗ କରନ୍ତୁ \|<br>➢ ଧାନରୋପଣର ୨୧ ଦିନ ପରେ ଏକର ପିଛା ୧୬ କିଲୋଗ୍ରାମ ଯବଖାରଜନ ସାର ପିଲାସାର ହିସାବରେ ପ୍ରୋୟାଗ କରନ୍ତୁ \|<br>➢ ଧାନ କ୍ଷେତରେ ଜଳ ସ୍ତର ୩ ରୁ ୫ ସେମି ବଜାୟ ରଖି ହିଡକୁ ମଜବୁତ କରନ୍ତୁ \| |
| ନଳିତା | ତରୁଣୀ ଅବସ୍ଥା | ➢ ନଳିତା ଗଛ ଅଧିକ ଲମ୍ବା ହେବା ପାଇଁ ଅନ୍ତଃଚାଷ ସମୟରେ ଶାଖା ପ୍ରଶାଖା ଗୁଡିକୁ ଭଲ ଭାବେ ଛିଣ୍ଡାଇ ଦିଅନ୍ତୁ।<br>➢ ଘୋଡା ପୋକର ପ୍ରାଦୁର୍ଭାବ ଦେଖାଯାଉ ଥିବାରୁ ଏହାକୁ ଦମନ କରିବା ପାଇଁ ବର୍ଷା କମିଲା ପରେ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ+ସାଇପରମେଥ୍ରୀନ କିମ୍ବା କୁଇନାଲଫସ ତରଳ ବିଷକୁ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ➢ ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| ପନିପରିବା | ଫୁଲ/ଫଳ ଅବସ୍ଥା | ➢ ଭେଣ୍ଡି ଗଛ ରେ ଶାହେବୀ ରୋଗ ନିୟନ୍ତ୍ରଣ କରିବା ପାଇଁ ଅଧିକ ଆକ୍ରାନ୍ତ ପତ୍ର କୁ ଛିଣ୍ଡାଇ ପୋତି ଦିଅନ୍ତୁ। ହଳଦିଆ ଅଠାଳିଆ କାର୍ଡ ଏକର ପ୍ରତି 15 ଟି ବ୍ୟବହାର କରନ୍ତୁ।Potash ସାର ଗୁଣ୍ଡ ପ୍ରତି 500gm ହିସାବରେ ପ୍ରୟୋଗ କରନ୍ତୁ।Diafenthiuron 50%WP ଲିଟର ପ୍ରତି 2gm କିମ୍ବା Dinotefuran 20%WG |

| | | |
|---|---|---|
| | | ଲିଟର ପ୍ରତି 0.5gm ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ । <br>➢ ବାଇଗଣ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୪ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ । |
| ଫଳ | | ➢ କଦଳୀରେ ଜଉ ପୋକ ନିୟନ୍ତ୍ରଣ କରିବା ପାଇଁ Imidachloprid 30.5%SC ଲିଟର ପ୍ରତି 0.5ml କିମ୍ବା Thiomethoxam 25%WG ଲିଟର ପ୍ରତି 0.5gm ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ। <br>➢ ଅଗଷ୍ଟ ଆମ୍ବ ରୋପଣର ଆଦର୍ଶ ସମୟ \| <br>➢ ▫ଉପଯୁକ୍ତ କିସମଗୁଡ଼ିକ ହେଉଛି ଅମ୍ରାପାଲୀ, ଦୁସେହେରୀ, ଚଉସା, ବାଗାନପାଲ୍ଲୀ, ଟୋଟାପୁରୀ, ବମ୍ବେ ସବୁଜ, ସୁଭର୍ଣ୍ଣରେଖା, ହିମସାଗର ଇତ୍ୟାଦି \| <br>➢ 10 ମିଟର X 10 ମିଟର ଦୂରରେ ଗର୍ତ୍ତରେ ଲଗାଯିବା ଉଚିତ୍ \| ଗର୍ତ୍ତର ଆକାର ହେଉଛି 1m X 1m X 1m ।ଏକ ବର୍ଷ ପୁରୁଣା ସୁସ୍ଥ ଗ୍ରାଫ୍ଟେଡ୍ ପ୍ଲାଣ୍ଟକୁ ପସନ୍ଦ କରାଯିବା ଉଚିତ୍ \| ଦୁଇଟି ଟୋକେଇ କମ୍ପୋଷ୍ଟ ଲଗାଇବା ସମୟରେ, 80 g N, 100 g P2O5 ଏବଂ 60 g K2O ସାର ପ୍ରୟୋଗ କରାଯିବା ଉଚିତ୍। |
| ମାଛ ଚାଷ | | ➢ ପୋଖରୀ ଜଳର ପ୍ରବାହିତ ହେତୁ ମାଛର ସ୍ଥାନାନ୍ତରଣକୁ ରୋକିବା ପାଇଁ ପୋଖରୀ ଡାଇକ୍ ଚାରିପାଖରେ ପ୍ଲାଷ୍ଟିକ୍ ଜାଲ ରଖନ୍ତୁ \| |
| ପଶୁପାଳନ | | ➢ ପଶୁମାନଙ୍କୁ ଖାଇବାକୁ ଏକ ସୁରକ୍ଷିତ ସ୍ଥାନରେ ରଖନ୍ତୁ \| <br>➢ ପଶୁମାନଙ୍କୁ ପର୍ଯ୍ୟାପ୍ତ ପାନୀୟ ଜଳ ଦିଅନ୍ତୁ \| |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital